# କବିତା-୨ : ଉଦ୍‌ବୋଧନ

## କବି- ଗଙ୍ଗାଧର ମେହେର

## ଶ୍ରେଣୀ – ଅଷ୍ଟମ

## ପ୍ରଥମ ଦିନ

**General Objectives -** ସାଧାରଣ ଆଭିମୁଖ୍ୟ :

୧.  ଉଚ୍ଚଭିଳାଷୀ ହେବାକୁ ହେଲେ ମାତୃଭାଷାକୁ ସର୍ବପ୍ରଥମେ ଉଚ୍ଚ ଓ ଉନ୍ନତ କରିବାକୁ ପଡ଼ିବ ।

୨.  ମାତୃଭାଷାହିଁ ଗୋଟିଏ ଜାତିର ଅସ୍ମିତାର ପରିଚୟ ତଥା ଦେଶର ବିକାଶରେ ମୂଳଦୁଆ ।

୩.  ତେଣୁ ମାତୃଭାଷାର ଉନ୍ନତି ସମସ୍ତଙ୍କର ପରମ ଏବଂ ନୈତିକ କର୍ତ୍ତବ୍ୟ ।

**Specific Objectives -** ବିଶେଷ ଆଭିମୁଖ୍ୟ :

ଉଚ୍ଚ ହେବା ପାଇଁ କର ଯେବେ ଆଶା,

ଉଚ୍ଚ କର ଆଗେ ନିଜ ମାତୃଭାଷା ।

ODM EDUCATIONAL GROUP
Changing your Tomorrow

## **Activity :** (କ୍ରିୟାକଳାପ)

୧. ପ୍ରକୃତି ପ୍ରାଣତା ଓ ଦେଶବତ୍ସଳତା ଯାହାଙ୍କର କାବ୍ୟ କବିତାର ମୁଖ୍ୟସ୍ୱର, ସେହି ରଙ୍ଗାଜୀବ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ମାତୃଭାଷା ପ୍ରୀତି ଏବଂ ସଂପ୍ରସାରଣ ପ୍ରତି ସଚେତନ ହେବାକୁ ଆହ୍ୱାନ ।

୨. ଶବ୍ଦଜ୍ଞାନ ଏବଂ ବ୍ୟାକରଣଗତ ଜ୍ଞାନ ମାଧ୍ୟମରେ ଶିକ୍ଷାପ୍ରଣାଳୀରେ ମାତୃଭାଷାର ଗୁରୁତ୍ୱକୁ ଉପଲବ୍ଧି କରିବା ସହ ପଠନ ଲିଖନ ପ୍ରଣାଳୀକୁ ସରଳ ସହଜ ଓ ବୋଧଗମ୍ୟ କରିବା ।

ODM EDUCATIONAL GROUP
Changing your Tomorrow

## Learning Outcome

୧. ମାତୃଭାଷାକୁ ଭଲ ପାଇବା ପାଇଁ ଛାତ୍ରଛାତ୍ରୀ ମାନଙ୍କୁ ପ୍ରେରଣା ପ୍ରଦାନ କରିବା ।

୨. ମାତୃଭାଷାର ଉନ୍ନତି ପାଇଁ କାମକରିବାକୁ ଉପଦେଶ ଦେବା ।


୩. ନିଜେ ସଚେତନ ହେବା ସହ ଅନ୍ୟ ମାନଙ୍କୁ ସଚେତନ କରିବା ।

୪. ଛାତ୍ରଛାତ୍ରୀ ମାନଙ୍କୁ କର୍ମକରିବାର ପ୍ରେରଣା ପ୍ରଦାନ କରିବା ।

ODM EDUCATIONAL GROUP
Changing your Tomorrow



ODM
EDUCATIONAL GROUP
Changing your Tomorrow




ODM EDUCATIONAL GROUP
Changing your Tomorrow


କି ଦେଇ ପୂଜିବି ଯାହା ମୁଁ ଦେଖୁଛି
ସବୁ ତୁମ୍ଭରି ପ୍ରସାଦ,
ଯାହା ପରସାଦ ତାଙ୍କୁ ଅରପିଲେ
ହେବ ସିନା ଅପରାଧ ।
- ଗଙ୍ଗାଧର ମେହେର

# ପ୍ରାରମ୍ଭିକ ସୂଚନା

ପ୍ରାକ୍ କଥନ, କବି ପରିଚୟ, କବିତା ଆବୃତ୍ତି

ରଚନାବଳୀ : 'ତପସ୍ୱିନୀ', 'ପ୍ରଣୟ ବଲ୍ଲରୀ', 'କୀଚକ ବଧ', 'ଇନ୍ଦୁମତୀ'

ODM EDUCATIONAL GROUP
Changing your Tomorrow

ନବ ରବି କରେ ଫୁଟଇ କମଳ ......................ଶ୍ରମେ ପିପୀଲିକା ପୂରାଏ ଭଣ୍ଡାର

ନବୋଦିତ ବାଳସୂର୍ଯ୍ୟଙ୍କ ରକ୍ତିମ ଆଭାର ପ୍ରଥମ ସ୍ପର୍ଶରେ ପ୍ରସ୍ଫୁଟିତ ହୁଏ କମଳ କଳିକା ।

ଶବ୍ଦାର୍ଥ : ନବ– ନୂଆ

ଉଦ୍‌ବୋଧନ – ବର୍ତ୍ତମାନର ଦୁରବସ୍ଥାକୁ ଦେଖି ତହିଁରେ ଉନ୍ନତି ଆଣିବା ଉଦ୍ଦେଶ୍ୟରେ ଦେଶବାସୀଙ୍କ ମଧ୍ୟରେ ଚେତନା ସୃଷ୍ଟି କରିବା ଏବଂ ଜାଗରଣ ଆଣିବା ନିମନ୍ତେ ଦିଆଯାଇଥିବା ପରାମର୍ଶ ।

ମଧୁ ସଞ୍ଚୟ ଆଶାରେ ଆଳସ୍ୟ ପରିତ୍ୟାଗ କରି ମଧୁମକ୍ଷିକା ଅଗମ୍ୟ ବନପର୍ବତରେ ବିଚରଣ କରେ । ଏହିପରି ଭାବେ ଶୁଭ ସକଳରେ ପ୍ରତ୍ୟେକ ଚଳମାନ ଓ ବଳବାନ ପ୍ରାଣୀ ଆଳସ୍ୟ ପରିତ୍ୟାଗ କରି କର୍ମକ୍ଷମ ହୋଇ ଉଠନ୍ତି ।

ଶବ୍ଦାର୍ଥ – ବିହାର – ବୁଲିବା, ତେଜି – ତ୍ୟାଗ କରି

ବିହଙ୍ଗମ ଦଳ - ପକ୍ଷୀଦଳ (ଏମାନେ ବିହାୟସ ଅର୍ଥାତ୍ ଆକାଶରେ ଗମନ କରିପାରୁଥିବା ହେତୁ ଏମାନଙ୍କୁ ବିହଙ୍ଗମ କୁହାଯାଏ ।

ଲାଳସେ – ଲୋଭରେ / ଉଦ୍ଦେଶ୍ୟରେ

ODM EDUCATIONAL GROUP
Changing your Tomorrow

ଗଙ୍ଗାଧର ମେହେରଙ୍କ କାବ୍ୟ – ପ୍ରକୃତି ମାନବୀୟ । ତାଙ୍କର କାଳଜୟୀ କାବ୍ୟକବିତା ଉତ୍କଳର ବାଣୀ – ଭଣ୍ଡାରକୁ ପରିପୁଷ୍ଟ କରିଅଛି । ତାଙ୍କ ରଚନାଗୁଡ଼ିକ ମାଧ୍ୟରେ 'ତପସ୍ୱିନୀ', 'ପ୍ରଣୟବଲ୍ଲରୀ', 'କୀଚକ ବଧ', 'ଇନ୍ଦୁମତୀ', 'ଉତ୍କଳଲକ୍ଷ୍ମୀ', 'ଅର୍ଘ୍ୟଥାଳୀ', 'କୃଷକ ସଙ୍ଗୀତ', ଇତ୍ୟାଦି ପ୍ରଧାନ । ଆଲୋଚ୍ୟ 'ଉଦ୍‌ବୋଧନ' କବିତାଟି କବିଙ୍କ 'ଅର୍ଘ୍ୟଥାଳୀ' ପୁସ୍ତକର ଅଂଶବିଶେଷ । ଏଠାରେ ଦେଶ ଓ ଦଶ ଉଦ୍ଦେଶ୍ୟରେ କବି ଚିନ୍ତାପ୍ରକଟ *କରି ଦେଶବାସୀଙ୍କୁ ଅନେକ ଅମୂଲ୍ୟ ସଦୁପଦେଶ ପ୍ରଦାନ କରିଛନ୍ତି ।*

**କବିତାର ସାରକଥା:-**

(୧) ଶକ୍ତିମାନ କେବେ ନ୍ୟୂନ ହୋଇ ରହେନାହିଁ – ନବୋଦିତ ବାଳସୂର୍ଯ୍ୟଙ୍କ ରକ୍ତିମ ଅଭାର ପ୍ରଥମ ସ୍ପର୍ଶରେ ପ୍ରସ୍ଫୁଟିତ ହୁଏ କମଳ କଳିକା । ପ୍ରଭାତର ଶୁଭାଗମନରେ ପକ୍ଷୀଦଳ ଉଲ୍ଲସିତ ହୋଇଉଠନ୍ତି । ଆହାର ବିହାର ପାଇଁ ବସା ଛାଡ଼ନ୍ତି । ନୀଳାକାଶ ତଳେ ଦୂରଦୂରାନ୍ତକୁ ଉଡ଼ିଯାଆନ୍ତି । ମଧୁ ସଂଚୟ ଆଶାରେ ଆଳସ୍ୟ ପରିତ୍ୟାଗ କରି ମଧୁମକ୍ଷିକା ଅଗମ୍ୟ ବନପର୍ବତରେ ବିଚରଣ କରେ । ଏହିପରିଭାବେ ଶୁଭ ସକାଳରେ ପ୍ରତ୍ୟେକ ଚଳମାନ ଓ ବଳବାନ୍ ପ୍ରାଣୀ ଆଳସ୍ୟ ପରିତ୍ୟାଗ କରି କର୍ମକ୍ଷମ ହୋଇଉଠନ୍ତି । କେହି ମୌନ ହୋଇ ନୀରବତା ଅବଲମ୍ବନ କରନ୍ତି ନାହିଁ । କେହି ବଳ ଥାଉ ଥାଉ ନିଜକୁ ନ୍ୟୂନ କରିଦିଅନ୍ତି ନାହିଁ ।

ODM EDUCATIONAL GROUP
Changing your Tomorrow

## ବ୍ୟାକରଣଗତ

ବିପରୀତ ଶବ୍ଦ : ସୁପ୍ତ - ଜାଗ୍ରତ

ଗଦ୍ୟ ରୂପ : ନିଉନ - ନ୍ୟୂନ, ମଉନ - ମୌନ

ପ୍ରତିଶବ୍ଦ : ରବି – ସୂର୍ଯ୍ୟ, ଦିବାକର, କମଳ - ପଦ୍ମ, ଅରବିନ୍ଦ, ବନ - ଜଙ୍ଗଲ, କାନନ

ମହୁମାଛି – ଭ୍ରମର, ଷଟ୍‌ପଦ, ସିଂହ- ମୃଗରାଜ, କେଶରୀ

ODM EDUCATIONAL GROUP
Changing your Tomorrow

# THANKING YOU

# ODM EDUCATIONAL GROUP

ODM
EDUCATIONAL GROUP
*Changing your Tomorrow*